## ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ସୂଚନା ଅଧିକାର କର୍ମୀଙ୍କ ନାମରେ ମାମଲା

**କୁଚିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ ଗ୍ରାମରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ନିଜକୁ ସୂଚନା ଅଧିକାର କର୍ମୀ ବୋଲାଉଥିବା ସେହି ଗ୍ରାମର ସମୀର ନାୟକଙ୍କ ବିରୁଦ୍ଧରେ ମହୁଲପାଲୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଗତ ଗୁରୁବାର ସମ୍ପୃକ୍ତ ମହିଳାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ରେ ତାଙ୍କର ବୟାନ ରେକର୍ଡ କରିଛି ।

ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ଗ୍ରାମର ସମ୍ପୃକ୍ତ ମହିଳା ଘରେ ଏକୁଟିଆ ଥିବାବେଳେ ସୁଯୋଗ ଦେଖି ଗତ ୨୦ ତାରିଖ ଦିନ ସମୀର ତାଙ୍କ ଘରେ ପଶି ତାଙ୍କ ସହିତ ଜୋରଜବରଦସ୍ତି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ । ତେବେ ମହିଳାଙ୍କ ଜୋରଦାର ପ୍ରତିରୋଧ ଯୋଗୁଁ ସେ ଏଥିରେ ସଫଳ ହୋଇ ନ ପାରିବାରୁ ସେ ରାଗିଯାଇ ସମ୍ପୃକ୍ତ ମହିଳାଙ୍କୁ ଏକ ଲୁହା ଛଡ଼ ସାହାର୍ଯ୍ୟରେ ନିଷ୍ଠୁକ ମାଡ ମାରିଥିଲେ । ମାଡ ଖାଇ ମହିଳା ଜଣକ ଜୀବନ ବିକଳରେ ଚିତ୍କାର କରିବାରୁ ପାଟି ଶୁଣି ତାଙ୍କର ଭାଇ ବୋହୂ ଘଟଣାସ୍ଥଳରେ ପହଞ୍ଚି ସମୀରର କବଳରୁ ମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବା ବେଳେ ସମୀର ତାଙ୍କୁ ମଧ ମାଡ ମାରିଥିବା ଅଭିଯୋଗ ହୋଇଛି । ଏ ବାବଦରେ ପିଡୀତା ମହିଳା ଜଣକ ଗତ ୨୦ ତାରିଖ ଦିନ ମହୁଲପାଲୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୧୩୬/୨୦୨୫ରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୬, ୩୩୩, ୨୯୬, ୧୧୫(୨) ଏବଂ ୩୫୧(୨)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅନ୍ୟ ପକ୍ଷରେ ମାଡ ଖାଇ ଗୁରୁତର ଆହତ ହୋଇଥିବା ମହିଳା ଜଣକ କୁଚିଣ୍ଡା ଡାକ୍ତରଖାନାରେ ତିନି ଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ପୋଲିସ ଗତ ଗୁରୁବାର ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଧାରା ୧୬୪ରେ ବୟାନ ରେକର୍ଡ କରିବା ସହିତ କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ଡାକ୍ତରୀ ମାଇନା କରାଯାଇଛି ।

## ସାଂସଦ ଓ ବିଧାୟକଙ୍କ ମାରାଥନ ଶିଳାନ୍ୟାସ



**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧିନ ମର୍ଦ୍ଦରାଜପୁର ଓ ଖଳିସାହି ପଞ୍ଚାୟତରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ ଓ ନୂତନ ପ୍ରକଳ୍ପର ଉଦଘାଟନ ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଖଳିସାହି ପଞ୍ଚାୟତ ଅଧିନ ୯ଟି ସ୍ଥାନରେ ନୂତନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରାଯାଇଥିବା ଜଣାଯାଇଛି । ବିଭିନ୍ନ ପ୍ରକଳ୍ପ ମଧ୍ୟରେ ରାସ୍ତା ନିର୍ମାଣ, ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର, ଗୋଷ୍ଠୀ କେନ୍ଦ୍ର ଓ ମଣ୍ଡପ ନିର୍ମାଣ ଆଦି ଅନ୍ତର୍ଭୁକ୍ତ । ସେହିପରି ଖଳିସାହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩ଟି ପ୍ରକଳ୍ପ ଉଦଘାଟିତ ହୋଇଥିବା ବେଳେ ନିକଟସ୍ଥ ମର୍ଦ୍ଦରାଜପୁର ଓ ହରିଚନ୍ଦନପୁର ଗ୍ରାମରେ ୨ଟି ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଥିବା ଜଣାଯାଇଛି । ସାସଂଦ ଓ ବିଧାୟକଙ୍କ ଗହଣରେ ଖଣ୍ଡପଡ଼ା ବ୍ଲକ ସାସଂଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଶିକ୍ଷାବିତ ଜନ୍ମେଜୟ ନାୟକ, ବିଜେପି ନେତ୍ରୀ ନିର୍ମଳା ବିଶ୍ୱାଳଙ୍କ ସମେତ ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ବରିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଦାଶ, ସୁନିତା ଜେନା ଓ ପଞ୍ଚାୟତ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗୋପାଳପୁର ପୋର୍ଟର ପଞ୍ଜିକୃତ ଦୁଇଟି ଶ୍ରମିକ ସଂଗଠନ ଶୁକ୍ରବାର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଆଗାମୀ ଦିନରେ ସେମାନଙ୍କ ଦାବି ଗୁଡିକ ପୂରଣ ନ ହେଲେ ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ନେତା ଓ କର୍ମୀମାନେ ସୂଚନା ଦେଇଛନ୍ତି । ୱାଗନ ଅନଲୋଡିଂ, ଟ୍ରାକକ୍ଲିନିକ ପୁରୁଷ / ମହିଳା ଶ୍ରମିକମାନଙ୍କୁ ମାସକୁ ୬୦ଟି ରେକ ଗ୍ୟାରେଣ୍ଟି ଯୋଗାଇବା, ଶ୍ରମିକଙ୍କ ମଧ୍ୟରୁ ଯେଉଁ ଶ୍ରମିକମାନେ ମୃତ୍ୟୁ ବରଣ କରିଛନ୍ତି କିମ୍ବା ଶାରୀରିକ ଅକ୍ଷମ ଅଟନ୍ତି ଏବଂ ଅବସରପ୍ରାପ୍ତ ହେବାକୁଥିବା ଶ୍ରମିକମାନଙ୍କ ବଦଳରେ ତାଙ୍କର ଉତ୍ତରାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯାଉ । ଗୋପାଳପୁର ପୋର୍ଟ ଲିମିଟେଡ଼ରୁ ପୂର୍ବ ମୌଖିକ ପ୍ରତିଶୃତି ପ୍ରକାରେ ସମସ୍ତ ୱାଗନ ଅନଲୋଡିଂ ଓ ଟ୍ରାକ କ୍ଲିନିକ ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତରେ ସ୍ଥାୟୀ ନିଯୁକ୍ତି ପତ୍ର ଯୋଗାଇ ଦିଆଯାଉ, ୱାଗନ ଅନ ଲୋଡ଼ିଂ ଓ ଟ୍ରାକ କ୍ଲିନିକ ଶ୍ରମିକମାନଙ୍କ ଦରମା ୭୦% ବୃଦ୍ଧି କରାଯାଉ, ଚୂକିନାମା ଅବଧି ସୀମାକୁ ପୂର୍ବଭଳି ୩ ବର୍ଷ ରଖାଯାଉ, ୱାଗନ ଅନ ଲୋଡ଼ିଂ ଓ ଟ୍ରାକ କ୍ଲିନିକ ଶ୍ରମିକମାନଙ୍କ ଜିଟିଆଇ ପଲିସି ୧୦ ଲକ୍ଷ ଦିଆଯାଉ ଏବଂ ଶ୍ରମିକଙ୍କ ଅବସରକାଳୀନ ସହାୟତା ରାଶିକୁ ସର୍ବନିମ୍ନ ୧୦ ଲକ୍ଷ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରାଯାଉ, ଗୋପାଳପୁର ପୋର୍ଟରେ କାର୍ଯ୍ୟରତ ୱାଗନ ଅନ ଲୋଡ଼ିଂ ଓ ଟ୍ରାକ କ୍ଲିନିକ ଶ୍ରମିକଙ୍କ ଅକାଳ ବିୟୋଗ ଘଟିଲେ ତାଙ୍କ ପରିବାର ବର୍ଗଙ୍କୁ ସୁଦ୍ଧକାର୍ଯ୍ୟ ସକାଶେ ସହାୟତା ରାଶି ୧ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉ । ଏହା ସହିତ ଶ୍ରମିକମାନଙ୍କ ମୌଳିକ ସୁବିଧା ଯୋଗାଇ ଦିଆଯାଉ ଏବଂ ଅଞ୍ଚଳର ବେକାର ଯୁବକ / ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୋପାଳପୁର ପୋର୍ଟରେ ନିଯୁକ୍ତି ଦେବା ଦାବିନେଇ ଶୁକ୍ରବାର ଗୋପାଳପୁର ପୋର୍ଟ ଡ଼କ ୱାର୍କସ ୟୁନିୟନ ଓ ଗୋପାଳପୁର ପୋର୍ଟ କର୍ମଚାରୀ ସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୭ଦିନ ଭିତରେ ସେମାନଙ୍କ ଦାବି ଗୁଡିକ ସମ୍ପର୍କରେ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଗଣ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ଦୁଇଟି ଶ୍ରମିକ ସଂଗଠନର କର୍ମକର୍ତ୍ତା ଏବଂ ବହୁ ଶ୍ରମିକମାନେ ଉପସ୍ଥିତ ଥିଲେ ।



## ୭ ଫୁଟର ଅହିରାଜ ସାପ ଉଦ୍ଧାର

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**



ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୧୨ ନଂ ୱାର୍ଡ ଡମ୍ପିଙ୍ଗ ୟାର୍ଡ କଲୋନୀର ଜଣେ ବ୍ୟକ୍ତିଙ୍କ ଘରୁ ଶୁକ୍ରବାର ଅପରାହ୍ନ ସମୟରେ ଏକ ବିରାଟ ଅହିରାଜ ସାପ ଉଦ୍ଧାର ହୋଇଛି । ସାପଟିକୁ ଉଦ୍ଧାର କରିଛନ୍ତି ସ୍ନେକ କ୍ୟାଚ଼ର ରାଜେନ୍ଦ୍ର ଖରା । ମିଳିଥିବା ସୂଚ଼ନା ମୁତାବକ ଅପରାହ୍ନ ସମୟରେ ବ୍ୟକ୍ତି ଜଣଙ୍କ ଘରେ କେହି ନଥିବା ହେତୁ ଏହାର ସୁଯୋଗ ନେଇ ସାପଟି ଏକ ମୂଷାକୁ ଖାଇବା ନିମନ୍ତେ ଗାତ ମଧ୍ୟକୁ ପ୍ରବେଶ କରିଥିଲା । ମୂଷାଟିକୁ ଖାଇ ସାପଟି ଅନ୍ୟତ୍ର ଘୁଞ୍ଚି ନପାରି ଚ଼ିତ୍କାର କରିବା ହେତୁ ପଡୋଶୀ ଲୋକେ ଧାଇଁ ଆସି ସାପ ଟିକୁ ଦେଖିଥିଲେ । ଏହାପରେ ଫୋନ ଯୋଗେ ସ୍ନେକ କ୍ୟାଚ଼ର ରାଜେନ୍ଦ୍ରଙ୍କୁ ଜଣାଇବା ପରେ ରାଜେନ୍ଦ୍ର ପହଞ୍ଚି ଦୀର୍ଘ ସମୟର କସରତ ପରେ ଏହି ବିରାଟ ଅହିରାଜଟିକୁ ଧରିବାରେ ସକ୍ଷମ ହୋଇଥିଲେ । ଅହିରାଜଟି ୭ ଫୁଟ ଲମ୍ବ ରହିଥିବା ବେଳେ ମୂଷାଟିକୁ ଗିଳି ଦେଇଥିବା ହେତୁ ଅନ୍ୟତ୍ର ଯାଇ ପାରିନଥିବା ଜଣାପଡିଛି । ସ୍ନେକ କ୍ୟାଚ଼ର ରାଜେନ୍ଦ୍ର ଅହିରାଜଟିକୁ ସୁରକ୍ଷିତ ଭାବେ ନାକାମାମୁଡି ଅଞ୍ଚଳର ଡୁମରିପଦର ଜଙ୍ଗଲରେ ଛାଡି ଦେଇଥିବା କହିଛନ୍ତି । ତେବେ ଅହିରାଜ ସାପ ମାଇଲ ମାଇଲ ଦୂର ଅତି ସହଜରେ ଅତିକ୍ରମ କରିପାରେ, ତେଣୁ ଏହି ଡୁମରିପଦର ଜଙ୍ଗଲର ମାଇଲ ମାଇଲ ଦୂରରେ କୌଣସି ବସ୍ତି କିମ୍ବା ଗ୍ରାମ ନଥିବା ହେତୁ ରାଜେନ୍ଦ୍ର ସବୁବେଳେ ଅହିରାଜ ସାପ ଉଦ୍ଧାର କଲେ ଏହି ଜଙ୍ଗଲରେ ନେଇ ସୁରକ୍ଷିତ ଭାବେ ଛାଡି ଦେଉଥିବା କହିଛନ୍ତି ।

## ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡର ବୈଠକ

**କେନ୍ଦ୍ରାପଡା:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ତୁଳସୀ କ୍ଷେତ୍ରର ଆରାଧଦେବତା ଶ୍ରୀ ଶ୍ରୀ ବଳଦେବ ଜୀୟୁଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ ଗତ ଗୁରୁବାର ସନ୍ଧ୍ୟାରେ ମନ୍ଦିର ଯାତ୍ରୀ ନିବାସ ସଭା କକ୍ଷରେ ଟ୍ରଷ୍ଟ ବୋର୍ଡ ସଭାପତି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇ ଅଛି । ଉକ୍ତ ବୈଠକରେ ମନ୍ଦିର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଦେବୋତ୍ତର ସଂସ୍ଥାର ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ତରଫରୁ ଆସନ୍ତା ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପଞ୍ଚୁକରେ ହବିଷ୍ୟାଳୀମାନଙ୍କର ନିଃଶୁଳ୍କ ଭାବେ ରହିବାର ବ୍ୟବସ୍ଥା କରିବା ଓ ମନ୍ଦିର ବେଢାରେ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ଲାଇଟ ଓ ମାଇକ ବ୍ୟବସ୍ଥା କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇ ସମସ୍ତ ବ୍ୟବସ୍ଥା କରିବା ନିମନ୍ତେ ବୈଠକରେ ସ୍ଥିର କରାଗଲା । ମନ୍ଦିରର ନୀତିକାନ୍ତି ଓ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ଫୁଲ ରଥ ପ୍ରସ୍ତୁତି ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ଗୁଣ୍ଡିଚା ମନ୍ଦିର ପ୍ରାଚୀର ଦକ୍ଷିଣ ପଶ୍ୱରେ ଥିବା ଖାଲି ସ୍ଥାନରେ ମାର୍କେଟ କମ୍ପ୍ଲେସ ନିର୍ମାଣ କରାଯିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା । ରଥ ଦାଣ୍ଡରେ ବସୁଥିବା ପରିବା ହାଟକୁ, ପୁରୁଣା ଗୋରୁ ହାଟକୁ ସ୍ଥାନାନ୍ତର କରିବା ଓ ଜମିଜମାର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଭ୍ୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ପଣ୍ଡିତ ହୃଷିକେଶ ରଥ, ସଭ୍ୟ ତଥା ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଓ ମନ୍ଦିର ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚାନାରେ ଭାଗ ନେଇଥିଲେ । ଉକ୍ତ ବୈଠକରେ କାର୍ଯ୍ୟାଳୟ ସହାୟକ ଶରତ ଚନ୍ଦ୍ର ପାତ୍ର ଓ ସୁବାଷ ଚନ୍ଦ୍ର ପରିଡା ସହାୟତା କରିଥିଲେ ।

## ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲାରେ ଶିଶୁ ଚଳାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ, ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ଅନ୍ତଃ ବିଭାଗୀୟ ବୈଠକ ବଲାଙ୍ଗିର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଘରୋଇ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଗୌରଭ୍ ଶିୱାଜୀ ଇସଲୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ପାଇଁ ଶପଥ ପାଠ କରାଯାଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଭେଷଜ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାଃ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ସୁଷମା ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ - ଏମଆଇଏସ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ-ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଉପୋରୋକ୍ତ ବିଭାଗର ସମସ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଉପୋରୋକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାରେ କିପରି ଶିଶୁ ଚଳାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ ଓ ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି କରାଯିବ ତାହା ଉପରେ ବିଶେଷ ଆଲୋଚନା କରି ଏହା ଉପରେ ସମ୍ମିଳିତ ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ନିଆଁରେ ପୋଡି ହୋଇ ଜଣେ ମୃତ

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଏକ ଅଭାବନୀୟ ଘଟଣାରେ ପୋଡି ହୋଇ ଜଣେ ମୃତ୍ୟୁବରଣ କରିଛନ୍ତି । ଖବରରୁ ପ୍ରକାଶ ବାଲିମି ଥାନା ଠୋକର ପଂଚାୟତର ଧରଣୀଧର ସାମଲଙ୍କ ପୁଅ ସନ୍ତୋଷ ସାମଲ (୫୮) ଦୀର୍ଘଦିନ ହେଲା କୌଣସି କାରଣବଶତଃ ମାନସିକ ବିଷାଦଗ୍ରସ୍ତ ଥିଲେ ଏବଂ ମଝିରେ ମଝିରେ ଘର ଛାଡି ଚାଲି ଯାଉଥିଲେ । ତେବେ ଅତ୍ୟଧିକ ମାନସିକ ଦୁଶ୍ଚିନ୍ତା ହୋଇ ଘରୁ ଚାଲି ଆସି ଆଜି ଦିନ ୧୨ଟା ସମୟରେ ଗୋଟିଏ ପାତ୍ରରେ ପେଟ୍ରୋଲ ଆଣି ବାଲିମି ନିକଟ ଏକ ଆମ୍ବତୋଟାରେ ଢାଳି ହୋଇ ନିଜ ଦେହରେ ନିଆଁ ଲଗାଇଦେବାରୁ ସମ୍ପୂର୍ଣ୍ଣ ପୋଡି ହୋଇ ଯାଇଥିଲେ । ତେବେ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଖଜୁରିଆକଟା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାରୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତେବେ ବାଲିମି ପୋଲିସ ଏକ ୟୁଡି କେଶ ନଂ ୧୫/୨୫ରେ ଅପମୃତ୍ୟୁ ମାମଲା ଦାୟର କରି ଶବକୁ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ପଠାଇ ମୃତ୍ୟୁର କାରଣ ଜାଣିବା ପାଇଁ ଦେବାସହ ଅଧିକ ତଦନ୍ତ ଚଳାଇଛନ୍ତି ।

### ବାଣିଜ୍ୟ

## ଗୋଟିଏ ଦିନରେ ୧୭ହଜାର କମିଲା ରୂପା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଦୀପାବଳି ପରେ ପ୍ରଥମ ଥର ପାଇଁ ରାଜଧାନୀରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇଥିବା ଦେଖାଯାଇଛି । ସୂଚ଼ନା ଅନୁଯାୟୀ, ଶୁକ୍ରବାର ସୁନା ମୂଲ୍ୟ ୬,୮୦୦ ହ୍ରାସ ପାଇଛି । ଅନ୍ୟପକ୍ଷରେ ରୂପା ମୂଲ୍ୟ ୧୭,୦୦୦ରୁ ଅଧିକ ହ୍ରାସ ପାଇଛି । ଅନ୍ତର୍ଜାତୀୟ ବଜାରରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସର ପ୍ରଭାବ ଦିଲ୍ଲୀ ସୁନା ବଜାରରେ ମଧ ଅନୁଭୂତ ହୋଇଛି, ଯାହା ଫଳରେ ଦିଲ୍ଲୀରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇଛି । ବିଶେଷଜ୍ଞନୁସାରେ ଆଗାମୀ ଦିନରେ ସୁନା ଏବଂ ରୂପା ମୂଲ୍ୟ ହ୍ରାସ ପାଇପାରେ ।

ଅଲ ଇଣ୍ଡିଆ ସରାଫା ଆସୋସିଏସନ ଅନୁଯାୟୀ, ଅନ୍ତର୍ଜାତୀୟ ବଜାରରେ ଦୁର୍ବଳ ଧାରା ମଧ୍ୟରେ ଶୁକ୍ରବାର ଜାତୀୟ ରାଜଧାନୀରେ ସୁନା ମୂଲ୍ୟ ୧,୨୫,୬୦୦ ପ୍ରତି ୧୦ ଗ୍ରାମକୁ ହ୍ରାସ ପାଇଛି । ୯୯.୯% ଶୁଦ୍ଧତା ସହିତ ସୁନା ୧୮ ଅକ୍ଟୋବରରେ ପ୍ରତି ୧୦ ଗ୍ରାମକୁ ୧,୩୨,୪୦୦ରେ ବନ୍ଦ ହୋଇଥିଲା । ଏହାର ଅର୍ଥ ହେଉଛି ସୁନା ମୂଲ୍ୟ ୬,୮୦୦ ପ୍ରତି ୧୦ ଗ୍ରାମକୁ ହ୍ରାସ ପାଇଛି । ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ପ୍ରତି ୧୦ ଗ୍ରାମ ୧,୨୫,୦୦୦କୁ ହ୍ରାସ ପାଇଛି । ଶନିବାର ଏହା ପ୍ରତି ୧୦ ଗ୍ରାମ ୧,୩୧,୮୦୦ରେ ବନ୍ଦ ହୋଇଛି, ଯାହା ପ୍ରତି ୧୦ ଗ୍ରାମ ୬,୮୦୦ ହ୍ରାସ ପାଇଛି ।

ସ୍ଥାନୀୟ ସୁନା ବଜାରରେ, ରୂପା ମୂଲ୍ୟ ଶୁକ୍ରବାର ମଧ ହ୍ରାସ ପାଇ ପ୍ରତି କିଲୋଗ୍ରାମ ୧,୫୨,୬୦୦ ହୋଇଛି । ପ୍ରତି କିଲୋଗ୍ରାମ ୧,୭୦,୦୦୦ରେ ବନ୍ଦ ହୋଇଥିଲା । ଏହାର ଅର୍ଥ ହେଉଛି ଯେ ଶୁକ୍ରବାର ରୂପା ମୂଲ୍ୟ ପ୍ରତି କିଲୋଗ୍ରାମ ୧୭,୪୦୦ ହ୍ରାସ ପାଇଛି । ଆସୋସିଏସନ କହିଛି ଯେ ଦୀପାବଳି ଉତ୍ସବ ଯୋଗୁଁ ଚ଼ାରି ଦିନ ବନ୍ଦ ରହିବା ପରେ ଶୁକ୍ରବାର ସ୍ଥାନୀୟ ସୁନା ବଜାର ପୁଣି ଖୋଲିଛି । ଆନ୍ତର୍ଜାତୀୟ ବଜାରରେ, ସ୍ପଟ ସୁନା ୩୮.୪୭ କିମ୍ବା ୦.୯୩ ପ୍ରତିଶତ ହ୍ରାସ ପାଇ ପ୍ରତି ଆଉନ୍ସ ୪,୦୮୭.୫୫ରେ ପହଞ୍ଚିଛି, ଯାହା ୦.୬୭ ପ୍ରତିଶତ ବୃଦ୍ଧି ପାଇବା ପରେ । ବିଦେଶୀ ବଜାରରେ ସ୍ପଟ ରୁପା ପ୍ରତି ଆଉନ୍ସ ୧.୬୬ ପ୍ରତିଶତ ହ୍ରାସ ପାଇ ୪୮.୧୨ ଡଲାର ହୋଇଛି ।

ଏଚଡିଏଫସି ସିକ୍ୟୁରିଟିଜର ବରିଷ୍ଠ ବିଶ୍ଲେଷକ (କମୋଡିଟିଜ) ସୌମିଲ ଗାନ୍ଧୀ କହିଛନ୍ତି ଯେ ଶୁକ୍ରବାର ସୁନା ପୁନରୁଦ୍ଧାର ଜାରି ରହିଛି କାରଣ ବଜାର ଏକ ବୁଲାପୀ ଧାରାରୁ ସଂଶୋଧନ ଆଡ଼କୁ ଗତି କରିଛି । ବ୍ୟବସାୟୀମାନେ ସତର୍କ ଅଛନ୍ତି ଏବଂ ସପ୍ତାହର ଆରମ୍ଭରେ ପ୍ରବଳ ବିକ୍ରୟ ପରେ ନୂତନ କ୍ରୟକୁ ଏଡ଼ାଇ ଯାଉଛନ୍ତି । ଗାନ୍ଧୀ କହିଛନ୍ତି ଯେ ଛୁଟିଦିନ ଯୋଗୁଁ ଭାରତର ଅନେକ ବଜାର ବନ୍ଦ ରହିଛି ଏବଂ ଦୀପାବଳି ଉତ୍ସବ ସମାପ୍ତ ହେବା ପରେ, ବିଶ୍ୱର ଦ୍ୱିତୀୟ ସର୍ବବୃହତ ସୁନା ଗ୍ରାହକ ଭାରତରେ ଚାହିଦା ହ୍ରାସ ପାଇବାର ଆଶା କରାଯାଉଛି । ସେ କହିଛନ୍ତି ଯେ ଭୂରାଜନୈତିକ ଉତ୍ତେଜନା ହ୍ରାସ ଯୋଗୁଁ ସୁନା ମୂଲ୍ୟ ଚ଼ାପ ମଧ୍ୟରେ ଅଛି । ପ୍ରକୃତରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ଚୀନ ପ୍ରତିପକ୍ଷ ସି ଜିନପିଙ୍ଗ ଅକ୍ଟୋବର ୩୦ ତାରିଖରେ ସାକ୍ଷାତ କରିବାକୁ ଯାଉଛନ୍ତି ।

ଏହି ସମୟରେ, ରୁଷର ସର୍ବବୃହତ ତୈଳ କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇବା ପାଇଁ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଦୀର୍ଘକାଳୀନ ଭୂରାଜନୈତିକ ଚ଼ିନ୍ତାକୁ ସ୍ପଷ୍ଟ କରେ, ମିରାଏ ଆସେଟ ଶେୟାରଖାନର ସାମଗ୍ରୀ ଏବଂ ମୁଦ୍ରା ମୁଖ୍ୟ ପ୍ରବୀଣ ସିଂହ କହିଛନ୍ତି । ସିଂହ ଆହୁରି କହିଛନ୍ତି ଯେ ଆମେରିକାର ଫେଡେରାଲ ରିଜର୍ଭ ସୀମା ଦ୍ୱାରା ସୁଧ ହାର ହ୍ରାସ ପାଇବାର ଆଶା ହ୍ରାସ ପାଇବାରୁ ନିକଟ ଭବିଷ୍ୟତରେ ସୁନା ପ୍ରତି ଆଉନ୍ସ ୪,୦୦୦ରୁ ୪,୨୦୦ ମଧ୍ୟରେ କାରବାର ହେବାର ସମ୍ଭାବନା ଅଛି । ଏଲକେପି ସିକ୍ୟୁରିଟିଜର ଉପାଧକ୍ଷ ଏବଂ ଗବେଷଣା ବିଶ୍ଲେଷକ – ସାମଗ୍ରୀ ଏବଂ ମୁଦ୍ରା ଜତିନ ତ୍ରିବେଦୀ କହିଛନ୍ତି ଯେ ଆମେରିକା ସରକାରଙ୍କ ଜାରି ବନ୍ଦ ଏବଂ ବାଣିଜ୍ୟ ଆଲୋଚ଼ନାକୁ ନେଇ ଅନିଶ୍ଚିତତା ଯୋଗୁଁ ବଜାର ସତର୍କ ରହିବ ବୋଲି ଆଶା କରାଯାଉଛି ।

## ଡିସେମ୍ବରରେ କୋଶଳ କଳା ମଣ୍ଡପରେ ନାଟକ ମହୋତ୍ସବ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**



ବଲାଙ୍ଗିର ନଟରାଜ କଳାପରିଷଦ ପ୍ରତିବର୍ଷ ଭଳି ଏ ବର୍ଷ ନଟରାଜ କଳା ପରିଷଦ ଦ୍ୱାରା ନିଜ କମିଟିର ସଦସ୍ୟ ଦ୍ୱାରା କୋଶଳି ଭାଷାରେ ୬ଟି ନାଟକ ପରିବେଷଣ ହେବ । ବା, ଜାଦୁବାଲା, ଜମିଦାର, ଭୁଲତା, ତ୍ରିଶଙ୍କୁ, ପାରାଶମଣି ସ୍ଥାନୀୟ କୋଶଳ କଳା ମଣ୍ଡପରେ ଆଗାମୀ ଡିସେମ୍ବର ମାସ ୧୨, ୧୩ ଓ ୧୪ ତାରିଖରେ ଆୟୋଜିତ ହେବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହେବ । ଏ ନେଇ ସ୍ଥାନୀୟ ପାର୍କ ଲେଣ୍ଡରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଭା ପରିଚାଳନା କରିଥିଲେ ହରିନାରାୟଣ ପୁଜାରି, ମୁଖ୍ୟ ଉପଦେଷ୍ଟା ଡ. ଶ୍ରୀକର ମିଶ୍ର, ସଂପାଦକ ପ୍ରହଲ୍ଲାଦ ଦର୍ଜି ଏ ନେଇ ଆଲୋଚନା କରିଥିଲେ ଏବଂ କମିଟିର ସଦସ୍ୟ ନାଟକ କିଭଳି ଉଚ୍ଚ କୋଟିର ହେବ ଆଲୋଚନା ହୋଇଥିଲା । ଏଥିରେ ଉପସ୍ଥିତ ଥିଲେ ମୁନୁ ବରାଇ, କିଶୋର ଜାଲ, ଆଶିଷ ଧରୁଆ, ରାମ ପ୍ରସାଦ ଦାଶ, ବଳରାମ ରାଉତ, ସତ୍ୟନାରାୟଣ ଆଚାର୍ଯ୍ୟ, ଅଶ୍ୱିନୀ ନାୟକ, ଲଳିତ ପୁଜାରୀ, ଅରୁଣ ରାଉତ, ସଂଗ୍ରାମ ନାଏକ, ପିଙ୍କି ପୋଡ, ଚମାରୁ ସେଠ, ପାୟଲ ପୋଡ ଓ ମିଳି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ ରାସନ୍‌କାର୍ଡଧାରୀଙ୍କ ଠାରୁ ୨ରୁ ୫ ହଜାର ଆଦାୟ କରୁଥିବା ଅଭିଯୋଗ

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**





ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଜିଲ୍ଲାରେ ରାସନ୍ କାର୍ଡରେ ଦୁର୍ନୀତି ସହ ଟଙ୍କା କାରବାରକୁ ନେଇ ଆସିଛି ସାଙ୍ଘାତିକ ଅଭିଯୋଗ । ଖବରରୁ ପ୍ରକାଶ ଯେ, ହିନ୍ଦୋଳ ବ୍ଲକ୍‌ର ୩୫ଟି ପଞ୍ଚାୟତ ଓ ହିନ୍ଦୋଳ ଏନଏସିର ହିତାଧିକାରୀମାନେ ରାସନ କାର୍ଡ ପାଇଁ ହିନ୍ଦୋଳ ବ୍ଲକ ଯୋଗାଣ ବିଭାଗ ଉପରେ ନିର୍ଭର କରିଥାନ୍ତି । ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ପଞ୍ଚାୟତରାଜ ଦିବସ ଅବସରରେ ନୂତନ ହିତାଧିକାରୀମାନଙ୍କୁ ନୂଆ କାର୍ଡ ପ୍ରଦାନ କରାଯିବାକୁ ସରକାର ଘୋଷଣା କରିଥିଲେ ଫଳରେ ପ୍ରତି ପଞ୍ଚାୟତମାନଙ୍କର ହିତାଧିକାରୀମାନେ ନୂଆ ରାସନ୍ କାର୍ଡ ପାଇବା ନେଇ କାର୍ଯ୍ୟାଳୟରେ ଆବେଦନ କରୁଛନ୍ତି । ଏନଏସିରେ ସିଇଓ ଓ ପଞ୍ଚାୟତରେ ପିଇଓ ଦରଖାସ୍ତ ଗୁଡ଼ିକ ଯାଞ୍ଚ କରିବା ପରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଦରଖାସ୍ତକୁ ହିନ୍ଦୋଳ ଯୋଗାଣ ବିଭାଗରେ ଦାଖଲ କରିଥାଆନ୍ତି ଏବଂ ପରେ ଯୋଗାଣ ବିଭାଗ ପକ୍ଷରୁ ନୂତନ ହିତାଧିକାରୀଙ୍କୁ କାର୍ଡ ଦେବାର ବ୍ୟବସ୍ଥା ରହିଛି । ମାତ୍ର ହିନ୍ଦୋଳ ବ୍ଲକରେ ଠକର ପଞ୍ଚାୟତ ସମେତ ଅନ୍ୟ କିଛି ପଞ୍ଚାୟତମାନଙ୍କରେ ବ୍ୟାପକ ଅନିୟମିତତା ହେବା ସହ କାର୍ଡ ପ୍ରଦାନ ପାଇଁ ମୋଟା ଅଙ୍କର ଅର୍ଥ କାରବାର ହେଉଥିବା ପ୍ରତି ପଞ୍ଚାୟତରେ ଏବେ ମୁଖ୍ୟ ଆଲୋଚ୍ୟର ବିଷୟ ହୋଇଛି । ତେବେ ବ୍ଲକର ବହୁ ହିତାଧିକାରୀ ୭ମାସ ପୂର୍ବରୁ ନୂତନ କାର୍ଡ ପାଇଁ ଆବେଦନ କରିଥିଲେ ହେଁ ସେମାନଙ୍କ ରାସନକାର୍ଡ ହୋଇ ହୋଇପାରି ନାହିଁ । କାର୍ଡ ନଥିବାରୁ ଚିକିତ୍ସାରୁ ବଞ୍ଚିତ ହେଉଥିବା ସହିତ ରାସନ ସାମଗ୍ରୀ ପାଇବାରୁ ମଧ ବଞ୍ଚିତ ହେଉଛନ୍ତି । ଠକର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଦର୍ଶନ ବାବୁ ହିତାଧିକାରୀ ପିଛା ୨ରୁ ୫ ହଜାର ପର୍ଯ୍ୟନ୍ତ ରାସନ୍ କରେଇ ଦେବା ନାମରେ ଅର୍ଥ ଆଦାୟ କରୁଥିବା କଥା ନାମ ଗୁପନ୍ ରଖି କିଛି ହିତାଧିକାରୀ କହିଛନ୍ତି । ତେବେ ଯେଉଁମାନେ ମୋଟାଅଙ୍କର ଅର୍ଥ ଦେଇ ପାରୁଛନ୍ତି ସେମାନଙ୍କର କାର୍ଡ ପ୍ରଥମେ ଅଗ୍ରାଧିକାର ଭାବେ କାର୍ଡ ପାଉଛନ୍ତି । ରାଜ୍ୟବାହାରେ କାମ କରୁଥିବା ବ୍ୟକ୍ତିମାନେ ଶୀଘ୍ର କାର୍ଡ ହାତେଇବା ନେଇ ଦଲାଲ ତଥା କିଛି କର୍ମଚ଼ାରୀମାନଙ୍କୁ ପାଉଣା ଦେଇ କାର୍ଡ ହାତେଇ ନେଉଛନ୍ତି । ଆଉ ନିରୀହ ଗରିବ ଶ୍ରେଣୀର ହିତାଧିକାରୀମାନେ ମାସ ମାସ ଧରି ଚ଼ାତକ ପକ୍ଷୀ ପରି ଅନେଇ ରହିଛନ୍ତି । ହେଲେ କାର୍ଡ ତ ମିଳିବା ଦୂରର କଥା କାର୍ଯ୍ୟାଳୟକୁ ଗଲେ ଦଲାଲମାନଙ୍କ ହାବୁଡରେ ପଡ଼ି ନାନା କଥା ଶୁଣି ନିରାଶ ହୋଇ ଫେରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୮ମାସ ଭିତରେ ୨୫୦୦ ନୂତନ କାର୍ଡ ଲୋକେ ପାଇ ସାରିଥିବାବେଳେ ସେଥି ମଧ୍ୟରୁ ଏକ ହଜାର ଲୋକଙ୍କ କାର୍ଡ ନେବାରେ କିଛି ଦଲାଲ ସହିତ କର୍ମଚ଼ାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ମଧୁଚ଼ନ୍ଦ୍ରିକା ଫଳରେ ଦୁଇ ଦିନ ଭିତରେ କାର୍ଡ ପାଉଥିବାରୁ ଏଥିପାଇଁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । କାର୍ଡ ପାଇଁ ଟଙ୍କା କାରବାର ଚ଼ାଲିଥିବା ବ୍ଲକ ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ପ୍ରଥମେ ଠୋକର ସମେତ ଅନ୍ୟ ପଞ୍ଚାୟତ କନ୍ତାମିଳା, ଜରଡ, ସଂଜପଡା ମଧ ନୂତନ କାର୍ଡ କରିବା ପାଇଁ ରୋକ୍ ଲଗାଯାଇଥିବା ଖବର ଆସୁଛି । କିଛି ଦଲାଲ କିମ୍ବା ଲାଞ୍ଚ ଖୋର୍ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚ଼ାରୀଙ୍କ ପାଇଁ ସମୁଦାୟ ପଞ୍ଚାୟତକୁ ନୂଆ କାର୍ଡ ବାରଣ କରିବା କେତେ ସମିଚ଼ୀନ ସାଧାରଣରେ ପ୍ରଶ୍ନ ଉଠୁଛି । ଦୀର୍ଘ ଦିନ ପରେ ପୁଣିଥରେ ଯୋଗାଣ ବିଭାଗରେ ଦୁର୍ନୀତି ଅଞ୍ଚଳବାସୀଙ୍କୁ ଚ଼କିତ କରିବା ସହିତ ନିରୀହ ହିତାଧିକାରୀମାନେ କାର୍ଡ ପାଇ ନଥିବାରୁ ପ୍ରମାଦ ଗଣୁଛନ୍ତି । ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣ ଚ଼ନ୍ଦ୍ର ପାତ୍ରଙ୍କ ନିଜ ଜିଲ୍ଲାରେ ଏହି ଘଟଣା ଘଟିବା ମନ୍ତ୍ରୀଙ୍କ ଛବିଙ୍କୁ ଦୁଇ ଗୁଣ ମଳିନ ପକାଉ ଥିବା ଦେଖା ଦେଇଛି ।

## ଧନଶ୍ରୀଙ୍କୁ ପୁଣି ଟାର୍ଗେଟ୍ କଲେ ଚ଼ହଲ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଯୁଜଭେନ୍ଦ୍ର ଚ଼ହଲ ଏବଂ ତାଙ୍କ ପୂର୍ବତନ ପତ୍ନୀ ଧନଶ୍ରୀ ବର୍ମାଙ୍କ ବ୍ୟକ୍ତିଗତ ଜୀବନ ଖୁବ୍ ଚ଼ର୍ଚ୍ଚାରେ ରହିଛି । ଦୁହିଁଙ୍କର ଛାଡପତ୍ର ବହୁତ ଖରାପ ସମୟରେ ହୋଇଥିଲା । ସେବେଠାରୁ ଏହି ସମ୍ପର୍କକୁ ନେଇ ନା ନା ଗୁଜବ ପ୍ରଚ଼ାରିତ ହୋଇଛି, କେତେବେଳେ ଯୁଜଭେନ୍ଦ୍ର ଛାଡପତ୍ର ଦାଖଲ କରିଥିବା ଅଭିଯୋଗ କରିଛନ୍ତି ତ ଆଉ କେତେବେଳେ ଧନଶ୍ରୀ ବର୍ମା ଛାଡପତ୍ର ଦାଖଲ କରିଛନ୍ତି । ଛାଡପତ୍ର ପରେ, ଅଭିନେତ୍ରୀଙ୍କୁ ୪ କୋଟି ଭରଣପୋଷଣ ମିଳିଛି ବୋଲି ଚ଼ର୍ଚ୍ଚା ହୋଇଥିଲା । ଏବେ ଭାରତୀୟ କ୍ରିକେଟର ଏହାର ଜବାବ ଦେଇଛନ୍ତି । ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

ଯୁଜଭେନ୍ଦ୍ର ଚ଼ହଲ ଇନଷ୍ଟାଗ୍ରାମରେ ଦିଲ୍ଲୀ ହାଇକୋର୍ଟର ଏକ ରାୟର ସ୍କ୍ରିନସଟ୍ ସେୟାର କରିଛନ୍ତି । ଏହି ରାୟରେ କୁହାଯାଇଛି ଯେ ଆର୍ଥିକ ଭାବରେ ସ୍ୱାଧୀନ ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଠାରୁ ଭରଣପୋଷଣ ଦାବି କରିପାରିବେ ନାହିଁ । ଏହି ପୋଷ୍ଟର ଏକ ସ୍କ୍ରିନସଟ୍ ସେୟାର କରି କ୍ରିକେଟର ଲେଖିଛନ୍ତି, 'ମାଆଙ୍କ ରାଣ ପକାଅ ଯେ ଆପଣ ଏହି ନିଷ୍ପତ୍ତିରୁ ପଛକୁ ଫେରିବେ ନାହିଁ ।' ତାଙ୍କର ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଲୋକମାନେ ଏହି ପୋଷ୍ଟ ବିଷୟରେ ଅନୁମାନ କରୁଛନ୍ତି ଯେ ସେ ତାଙ୍କ ପୂର୍ବତନ ପତ୍ନୀ ଧନଶ୍ରୀ ବର୍ମାଙ୍କୁ ଟାର୍ଗେଟ୍ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ଚ଼ହଲ ଏବଂ ଧନଶ୍ରୀ ବର୍ମା ଡିସେମ୍ବର ୨୦୨୦ରେ ବିବାହ କରିଥିଲେ । ବିବାହର ପାଞ୍ଚ ବର୍ଷ ପରେ ସେମାନଙ୍କ ଅଲଗା ହେବା ନେଇ ଗୁଜବ ଉଠିବା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ, ସେମାନେ ମାର୍ଚ୍ଚ ମାସରେ ଛାଡପତ୍ର ନେଇଥିଲେ । ଉଭୟ ଇଣ୍ଡଷ୍ଟ୍ରିର ଜଣାଶୁଣା କପଲ ଥିଲେ । ସେମାନଙ୍କୁ ତାଙ୍କ ଫ୍ୟାନ୍ସ ଭଲ ପାଉଥିଲେ ଏବଂ ସେମାନଙ୍କ ବିଚ୍ଛେଦର ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଛାଡପତ୍ର ପରେ ଗୁଜବ ପ୍ରଚ଼ାରିତ ହୋଇଥିଲା ଯେ ଅଭିନେତ୍ରୀ ସମ୍ପର୍କ ଶେଷ କରିବା ପାଇଁ ୪ କୋଟି ଟଙ୍କାର ଭରଣପୋଷଣ ନେଇଛନ୍ତି ।

### ସିନେମାଫିନେମା ଟିଭିଫିଭି



ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୬ ଅକ୍ଟୋବର ୨୦୨୫ । ରବିବାର

# ଶିକ୍ଷା ରାଷ୍ଟ୍ର ନିର୍ମାଣର ଋବିକାଠି

**ଭୁବନେଶ୍ୱର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ସଂଘ ଆନୁକୁଲ୍ୟରେ ଓଡିଶାରେ ଉଚ୍ଚଶିକ୍ଷା : ସମ୍ଭାବନା ଏବଂ ଆଶ୍ୱିନ ଶିର୍ଷକ ଏକ ଆଲୋଚନା ଚକ୍ର ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ରାଷ୍ଟ୍ର ନିର୍ମାଣର ଋବିକାଠ ଏବଂ ଶିକ୍ଷକମାନେ ପରିବର୍ତ୍ତନର ବାର୍ତ୍ତାବହ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ଏହି ସଭାରେ ସଂଘର ସଭାପତି ଡଃ ମିହିର ଦାସ ସଭାପତିତ୍ୱ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଆଲୋଚନା ଚକ୍ରକୁ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଡଃ ବୃନ୍ଦାବନ ମିଶ୍ର । ରମାଦେବୀ ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ଡଃ ବିଜୟା ମିଶ୍ର ଆଲୋଚନା ଆରମ୍ଭ କରି ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ଉପରେ ମତ ପ୍ରକାଶ କରିଥିଲେ । ଆଲୋଚନାରେ ବିଶେଷଜ୍ଞଭାବେ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ଓ ପ୍ରଫେସର ବିମଳ ଚରଣ ସ୍ୱାଇଁ ବିଷୟ ବସ୍ତୁର ବିସ୍ତୃତ ଆଲୋଚନା କରି ଓଡିଶାରେ ଉଚ୍ଚ ଶିକ୍ଷାରରେ ଗୁଣାତ୍ମକ ପରିବର୍ତ୍ତନ ବହୁ ସମ୍ଭାବନା ଅଛି ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରକାରୀ କଲେଜ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଡଃ ସଞ୍ଜୟ ଦତ୍ତ, ବେସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ପ୍ରଫେସର ବୃନ୍ଦାବନ ମହାପାତ୍ର ଏବଂ ସର୍ବଶ୍ରୀ ଧନେଶ୍ୱର ସାହୁ, ନିତ୍ୟାନନ୍ଦ ଦାସ, ଅମିୟ କୁମାର ମହାନ୍ତି, ହରିସ ନାୟକ, କୃଷ୍ଣମୋହନ ଦାସ, ବସନ୍ତ ଚୌଧୁରୀ, କେ.କେ ପଟ୍ଟନାୟକ, ବିଚିତ୍ରାନନ୍ଦ ବଳ ପ୍ରମୁଖ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ସଭା ଆରମ୍ଭରେ ଉପଦେଷ୍ଟା ସନତ ଦାସ ପଟ୍ଟନାୟକଙ୍କର ପ୍ରସ୍ତାବ ଅନୁଯାୟୀ ଦିବଙ୍ଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘର ଉପଦେଷ୍ଟା ଡଃ କାଂଚନବାଳା ପଟ୍ଟନାୟକ ନିଜର ସୁଚିନ୍ତିତ ମତ ଉପସ୍ଥାପିତ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ସଭାରେ ଶତାଧିକ ସଂଘର ସଭ୍ୟମାନେ ଯୋଗ ଦେଇଥିଲେ । ସଭାର ନିର୍ଯ୍ୟାସ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

# ଓଲଟିଲା ଗ୍ୟାସ ଟ୍ୟାଙ୍କର: ଛିଣ୍ଡିଲା ବିଦ୍ୟୁତ୍ ତାର

**ଜଳେଶ୍ୱର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

୬୦ ନଂ ଜାତୀୟ ରାଜପଥ, ବସ୍ତା ଥାନା ଅନ୍ତର୍ଗତ ପୁନସିତା ଛକ ନିକଟରେ ଭାରସାମ୍ୟ ହରାଇ ନୟନଯୋରୀକୁ ଓଲଟିଲା ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କର । ଘଟଣା ଅନୁସାରେ ଏନଏଲ୍୦୧କ୍ୟୁ ୯୯୪୫ ନଂ ବିଶିଷ୍ଟ ଏଲପିଜି ବୋଝେଇ ଟ୍ୟାଙ୍କର ଶୁକ୍ରବାର ଅପରାହ୍ନରେ କୋଲକାତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବୁଲା ଷଣ୍ଢକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ନୟନଯୋରୀକୁ ଖସି ପଡିଥିଲା । ଫଳରେ ରାଜପଥ କଡ଼ରେ ଥିବା ବିଦ୍ୟୁତ ତାର ଛିଣ୍ଡି, ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଥିଲା । ଖବର ପାଇ ବିଦ୍ୟୁତ କର୍ମଚାରୀମାନେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିଥିବା ବେଳେ ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଟ୍ୟାଙ୍କର ଗ୍ୟାସ୍ ଲିକେଜ୍‌କୁ ଯାଞ୍ଚ କରିଥିଲେ । ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଆହତ ଚାଳକକୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ବସ୍ତା ପୁଲିସ ପହଞ୍ଚି ଗାଡିଟିକୁ ଜବତ୍ କରି ତଦନ୍ତ ଜାରି ରଖିଛି ।

# ବିଶ୍ୱ ଜରା ଦିବସ

**ରାଜନଗର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ଜରାଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରନ ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଗିରି, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଉପପରିଚାଳକ ସୁକାନ୍ତକୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭଙ୍କର ନାୟକ ଯୋଗଦେଇଥିଲେ । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଂଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ବୃତଚିତ୍ର ପ୍ରଦର୍ଶନ ପୂର୍ବକ ବୟସ୍କମାନେ କିପରି ରୋଗରେ ଆକ୍ରାନ୍ତ ହୁଅନ୍ତି ଓ ତାର ଚିକିତ୍ସା ପାଇଁ ସରକାରୀ ସୁବିଧା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସ୍ଥିତ ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ଉତରୀୟ, ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଧିକାରୀ ଡାକ୍ତର ରାଉତ ଜରା ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସଂପର୍କରେ ଆଲୋଚନା କରିଥିଲେ । ବିଶ୍ୱର ସମୃଦ୍ଧିରେ ବୟସ୍କଙ୍କ ଅବଦାନ ଅତୁଳନୀୟ । ସୁସ୍ଥ ଭାବେ ବଂଚିବା ପ୍ରତ୍ୟେକ ବୟସ୍କଙ୍କ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୭ଜଣ ବୟସ୍କ ପୁରୁଷ ଓ ମହିଳା ଯୋଗଦେଇଥିଲେ । ସେମାନଙ୍କର ଓଜନ, ରକ୍ତଚାପ, ମଧୁମେୟ, ଦନ୍ତ, ଚକ୍ଷୁ ପ୍ରଭୃତି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ମାଧ୍ୟମରେ ୩୮ଜଣଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଥିଲା । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ଦାସ, ହିମାଂଶୁ ଶେଖର ଦାସ, ନିର୍ମଳ ଦାଶ, ଯୀଶୁକ୍ରିଷ୍ଟ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**ସୋର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ନିଶ୍ଚିନ୍ତପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଡେଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଅଦ୍ୟ ଗତ ୨୪ ତାରିଖ ଶୁକ୍ରବାର ଗୋପୀନାଥ ସରକାରୀ ନୋଡାଲ୍ ଉଚ୍ଚବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କରୁଣାକର ସାହୁଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି । ଏହି ଶିବିରରେ ଜିଲାପରିଷଦ ସଦସ୍ୟ ଜୟନ୍ତ କୁମାର ସ୍ୱାଇଁ ମହୋଦୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ସେବା ମହତ୍ତ୍ୱ ସମ୍ପର୍କରେ ସ୍ୱେଚ୍ଛାସେବୀନୀମାନଙ୍କୁ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଓ କାର୍ଯ୍ୟକ୍ରମ ଅଧିକାରିଣୀ ଜ୍ୟୋସ୍ନାରାଣୀ ପାତ୍ର ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ ତଥା ବୃକ୍ଷରୋପଣ, ନିଶା ନିବାରଣ, ନିରକ୍ଷରତା ସମ୍ପର୍କରେ ପୋଷ୍ୟଗ୍ରାମ ଦଳସିଂପାଟନାରେ ଜନସଚେତନତା ସୃଷ୍ଟି କରିବା ପାଇଁ ଶିବିରାର୍ଥିନୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଜାତୀୟ ସେବା ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଶିବିରରେ ୫୦ ଜଣ ଶିବିରାର୍ଥିନୀ ଅଂଶଗ୍ରହଣ କରିଛନ୍ତି ।

# ଚ଼ଳନ୍ତା ଗାଡ଼ିରେ ଟଳିପଡିଲେ ବୃଦ୍ଧ

**ବ୍ୟାସନଗର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସକାଳୁ ନିତ୍ୟ କର୍ମ ସାରି ଜେଜେବାପା ପି. ରାଧାକୃଷ୍ଣ (୬୦) ୪ ଜଣ ନାତି ନାତୁଣୀଙ୍କୁ ଏକ ମାରୁତି ଅଲ୍‌ଟୋ (ଓଡି ୦୭ଭି ୪୦୪୦)ରେ ନେଇ ବ୍ୟାସନଗର ସହରର ସେଣ୍ଟ ମେରୀ ସ୍କୁଲକୁ ଯାଉଥିଲେ । ଚୋରଦା ଛକ ପାର ହେବାପରେ ଜେଜେଙ୍କୁ ହାର୍ଟ ଆଟାକ ହେଲା । ଚ଼ଳନ୍ତା ଗାଡ଼ିରେ ଟଳିପଡିଲେ ଜେଜେ ରାଧାକୃଷ୍ଣ । ଏହି ସମୟରେ ସମ୍ମୁଖ ପଟ କନ୍ଦେଇପୁର ଆଡୁ ଆସୁଥିବା ଏକ ବୋଲେରୋ (ଓଡି ୨୨ବି ୯୧୭୮) ଗାଡ଼ିରେ ଅଲ୍‌ଟୋଟି ଭାରସାମ୍ୟ ହରାଇ ଧକ୍କା ଦେବାରୁ ଅଲ୍‌ଟୋ ଗାଡ଼ିରେ ବସିଥିବା ଚ଼ାରିଜଣ ନାତି ନାତୁଣୀ ଆହତ ହୋଇ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚ଼ିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଦୁଇଜଣଙ୍କର ମୁଣ୍ଡ ବାଡେଇ ହୋଇ ଫାଟିଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି । ଏହି ଘଟଣା ପରେ ସେଠାରେ ଲୋକେ ରୁଣ୍ଡ ହୋଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଅଲ୍‌ଟୋ ଗାଡିଟିକୁ ଜବତ କରି ଥାନାକୁ ନେଇଥିବାବେଳେ ବୋଲେରୋ ଗାଡିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ମୃତ ବ୍ୟକ୍ତି ପି. ରାଧାକୃଷ୍ଣଙ୍କ ଘର ତାମିଲନାଡୁ ରାଜ୍ୟରେ ହୋଇଥିବାବେଳେ ସେ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଗାୟତ୍ରୀ ବିହାର ଅଞ୍ଚଳରେ ଭଡାରେ ରହୁଥିଲେ ବୋଲି ଜଣାପଡିଛି ।

# ପ୍ରଥମ ରୋଗୀକାଲ୍ୟାଣ ସମିତି ବୈଠକରେ ଯୋଗଦେଲେ ବିଧାୟକ

**ତ୍ରିଷ୍ଟିଖୋଲ:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ବଡ଼ଚ଼ଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରଥମ ରୋଗୀକଲ୍ୟାଣ ସମିତି ବୈଠକ ଶନିବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ରୋଗୀକାଲ୍ୟାଣ ସମିତି ବୈଠକରେ ପ୍ରଥମେ ନୂତନ କମିଟି ଗଠନ କରାଯାଇଥିଲା । ନୂତନ କମିଟିରେ ବିଧାୟକ ଅଧ୍ୟକ୍ଷ ହୋଇଥିବା ବେଳେ ସହ ଅଧ୍ୟକ୍ଷ ମିନତୀ ସେନାପତି, ଉପ ସଭାପତି ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଡାକ୍ତର ଶ୍ରୀକାନ୍ତ ଜେନା ରହିଥିବା ସହିତ ସଭ୍ୟ ଭାବେ ଡାକ୍ତର ଇନ୍ଦ୍ରାଣୀ ପ୍ରିୟଦର୍ଶିନୀ ମାହାଲା, ଡାକ୍ତର ମିନରଭା ପ୍ରଧାନ, ସିଡିପିଓ ଭାରତୀମାଳା ଭୂୟାଁ, ରାତିକାନ୍ତ ସାମଲ, ଅଭୟ କୁମାର ତରାଇ, କନିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ଜେନା, ସଞ୍ଜୟ କୁମାର ପ୍ରଧାନ, ବିଳାଶିନି ଖୁଣ୍ଟିଆ, ବଟକୃଷ୍ଣ ଜେନା, ବିଘ୍ନେଶ୍ୱର ବଳ ପ୍ରମୁଖଙ୍କୁ ମନୋନିତ କରାଯାଇଛି । ବୈଠକ ପ୍ରାରମ୍ଭରେ ବିପିଏମ ବିଶ୍ୱଜିତ ସ୍ୱାଇଁ ରୋଗୀକାଲ୍ୟାଣ ସମିତି ଉପରେ ପ୍ରାରମ୍ଭିକ ସୂଚ଼ନା ଦେବା ସହିତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ରୋଗିକଲ୍ୟାଣ ସମିତିର କାର୍ଯ୍ୟ ଉପରେ ସମସ୍ତ ସଭ୍ୟଙ୍କୁ ଅବଗତ କରିଥିଲେ । ବିଧାୟକଙ୍କ ସହଯୋଗ ପାଇଁ କାୟାକଳ୍ପ ପୁରସ୍କାର ୨୦୨୫ ବଡ଼ଚ଼ଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିପାରିଛି । ଏଥିପାଇଁ ଏକ ଲକ୍ଷ ଟଙ୍କା ପୁରସ୍କାର ଅର୍ଥ ମିଳିପାରିଛି । ରୋଗୀକାଲ୍ୟାଣ ସମିତିରେ ଏବେ ୩୪ ଲକ୍ଷ ଟଙ୍କା ମହଜୁଦ ଅଛି ଏବଂ ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ଏହି ଅର୍ଥ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହୋଇପାରିବ । ରୋଗିକଲ୍ୟାଣ ବୈଠକରେ ସମସ୍ତ କଥା ଆଲୋଚ଼ନା ହେବା ପରେ କମିଟିର ଅଧ୍ୟକ୍ଷ ବିଧାୟକ ଶ୍ରୀ ନାୟକ କହିଥିଲେ କି ବର୍ତ୍ତମାନ ବଡ଼ଚ଼ଣା ଡାକ୍ତରଖାଆନା ଦୈନିକ କେତେ ରୋଗି ଚ଼ିକିତ୍ସା ହେଉଛନ୍ତି ଏବଂ କେତେ ଡାକ୍ତର ଅଛନ୍ତି । ପ୍ରଥମେ ଏଠାରେ ରୋଗୀସେବା ପ୍ରତି ପ୍ରଥମେ ଗୁରୁତ୍ୱ ଦେବା କଥା । ଅଟ୍ରାସାଉଣ୍ଡ ଯନ୍ତ୍ର ଦୁଇ ବର୍ଷ ହେବ ରୋଗୀଙ୍କ ସେବାରେ ଆସିପାରୁନାହିଁ ଓ ସେହିପରି ଏମସିଏଚ଼ ଗୃହରେ ଲାଗିଥିବା ଲିଫ୍ଟ କାର୍ଯକ୍ଷମ ହୋଇପାରୁନାହିଁ । ବିଶେଷ କରି ଦୈନିକ ରୋଗୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଉପରେ ଆଲୋଚ଼ନା ହୋଇଥିଲା ଏବଂ ଖାଦ୍ୟ ଯୋଗାଉଥିବା ବ୍ୟକ୍ତି ସଠିକ ଭାବେ ରୋଗୀଙ୍କୁ ଖାଦ୍ୟ ଯୋଗାଉଛି କି ନାହିଁ ତଦନ୍ତ କରି ରିପୋର୍ଟ ଦେବାକୁ ଡାକ୍ତର ଶ୍ରୀ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ପକ୍ଷରୁ ପ୍ରସ୍ତାବ ଗୁଡିକୁ ଦେଖି ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ । ସରକାରଙ୍କୁ ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବର ସମସ୍ତ ତଥ୍ୟ ବିଧାୟକଙ୍କୁ ପ୍ରଦାନ କଲେ ସେ ଏହାର ସଦୁପଯୋଗ କରିବେ ବୋଲି କମିଟିରେ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ମଧୁସୂଦନ ବଳ, ମନୋରମା ସ୍ୱାଇଁ, ପ୍ରବିର ଦାଶ, ଦେବେନ୍ଦ୍ର ଲେଙ୍କା, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଡାକ୍ତର ଶ୍ରୀକାନ୍ତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛଟ୍ ପୂଜା ପାଇଁ ତଦାରଖ କଲେ ବିଧାୟକ

**ଝାରସୁଗୁଡ଼ା:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ାରେ ଛଟ୍ ପୂଜା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପରିପ୍ରେକ୍ଷୀରେ ବିଧାୟକ ଟଙ୍କଧର ତ୍ରିପାଠୀ ପୂଜା ହେଉଥିବା ସମସ୍ତ ପୋଖରୀ ଓ ନଦୀଘାଟ ବୁଲିବା ସହ ଏହାର ତଦାରଖ ମଧ୍ୟ କରିଛନ୍ତି । ଆସନ୍ତା ୨୭ ଓ ୨୮ ତାରିଖରେ ଛଟ୍ ପର୍ବ ସାରା ଦେଶରେ ପାଳନ ହେବ । ପୂଜା ପୂର୍ବରୁ ସହରର ଚୌକିପଡ଼ା, ବୁରୋମାଲ, ତାଲପଟିଆ, ବିଟିଏମ, ବକ୍ସି ଛକ, ଇବନଦୀ କୂଳ ଆଦି ସ୍ଥାନରେ ସଫାସୁତୁରା, ଲାଇଟ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଯେଭଳି ଠିକ୍ ରହିବ ସେନେଇ ବିଧାୟକ ଶ୍ରୀ ତ୍ରିପାଠୀ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ପୂଜାରେ ଯେଭଳି କୌଣସି ଅଘଟଣ ନଘଟେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ମଧ୍ୟ ପ୍ରଶାସନକୁ କହିଛନ୍ତି । ଆଜି ବିଧାୟକଙ୍କ ତଦାରଖ ସମୟରେ ଝାରସୁଗୁଡ଼ା ଥାନାଧିକାରୀ ରଞ୍ଜନ ବରିହା, ବିଟିଏମ୍ ଥାନାଧିକାରୀ ସ୍ୱପ୍ନାରାଣୀ ଗୋଛାୟତ, ଏସ୍‌ଡିପିଓ ଉମାଶଙ୍କର ସିଂ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ପୌର କନିଷ୍ଠ ଯନ୍ତ୍ରୀ ଏସ୍. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ନାଗ ଚ଼ତୁର୍ଥୀ ପାଳନ କଲେ ତେଲୁଗୁ ସମ୍ପ୍ରଦାୟର ମହିଳା

**ଶେରଗଡ:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ତେଲୁଗୁ ସମ୍ପ୍ରଦାୟମାନଙ୍କ ପକ୍ଷରୁ ଶନିବାର ସକାଳୁ ନାଗ ଚ଼ତୁର୍ଥୀ ପୂଜା ବିଭିନ୍ନ ସ୍ଥାନରେ ରହିଥିବା ଉଈ ହୁଙ୍କାମାନଙ୍କରେ କରାଯାଇଥିବା ଦେଖିବାକୁ ମିଳିଥିଲା । ନାଗ ଦେବତାଙ୍କୁ ସନ୍ତୁଷ୍ଟ କରିବା ଲାଗି ଏପରି କରାଯାଇଥାଏ ବୋଲି ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ କୁହାଯାଇଛି । କାର୍ତ୍ତିକ ଅମାବାସ୍ୟାର ଚ଼ତୁର୍ଥ ଦିନରେ ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ପିଠା, ରାଶି କ୍ଷୀର ଭୋଗ ଆଣି ନାଗ ଦେବତାଙ୍କୁ ପୂଜା କରୁଥିବା ଦେଖିବାକୁ ମିଳିଛି । ଏହି ସମ୍ପ୍ରଦାୟର ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ଉପବାସ ତଥା ବ୍ରତ ପାଳନ କରି ପ୍ରାତଃରୁ ଉଈ ହୁଙ୍କାକୁ ଯାଇ ନାଗ ଦେବତାଙ୍କୁ ସେମାନଙ୍କ ମନସ୍କାମନା ଜଣାଇ ପରିବାରର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା । ସେହି ଉଈ ହୁଙ୍କାର ମାଟିକୁ କାନରେ ଲଗାଇବା ଦ୍ୱାରା କାନରେ ଦେଖାଯାଉଥିବା ସଂକ୍ରମଣ ବା ଘା ଭଲ ହୋଇ ଯାଇଥାଏ ଏବଂ ଆଖିରେ କୌଣସି ସମସ୍ୟା ହୁଏନାହିଁ ବୋଲି ତେଲୁଗୁ ସମ୍ପ୍ରଦାୟର ବିଶ୍ୱାସ ରହିଛି । ସେଥିଲାଗି ପୂଜାର୍ଚ୍ଚନା ପରେ ଉଈ ହୁଙ୍କା ମାଟିକୁ ମଧ୍ୟ ସଂଗ୍ରହ କରିଥାନ୍ତି ଶ୍ରଦ୍ଧାଳୁ । ଏହି ସମ୍ପ୍ରଦାୟର ଲୋକଙ୍କ ବିଶ୍ୱାସ ଥାଏ ଯେ, ଧାନ କିଆରୀରେ ନାଗ ସାପ ବା ନାଗ ଛୁଆ ରହିଥାନ୍ତି । ଧାରୁଆ ଅସ୍ତ୍ରରେ ଧାନ କାଟିବା ସମୟରେ ଧାନ କାଟିବା ସହ ସାପମାନେ ମଧ୍ୟ ଭୁଲବଶତଃ କଟି ହୋଇ ମରିଥାନ୍ତି । ତେଣୁ ନାଗ ସେମାନଙ୍କୁ କ୍ଷମା କରିବା ଲାଗି ସେମାନେ ନାଗୁଲି ଚୌଠିରେ ନାଗ ଦେବତାଙ୍କୁ ପୂଜା ସହ କ୍ଷମା ପ୍ରାର୍ଥନା କରିଥାନ୍ତି । ଏହି କ୍ରମରେ ଶେରଗଡ ସହରରେ ରହୁଥିବା ସମସ୍ତ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ଏହି ପୂଜା କରୁଥିବା ଦେଖିବାକୁ ମିଳିଛି ।

# ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ

**ଯାଜପୁର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ର ଶୁଭାରମ୍ଭ ଏବଂ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅମ୍ବର କୁମାର କର କହିଲେ ତମାଖୁ ଦେହ ଓ ମନ ଉଭୟ ପାଇଁ ବିନାଶକାରୀ । ଏହାକୁ ଦୂର କରିବା ହେଉଛି ଜୀବନକୁ ରକ୍ଷା କରିବା । ତମାଖୁ ବ୍ୟବହାର ଆଜି ଆମ ସମାଜରେ ଏକ ଗୁରୁତର ସ୍ୱାସ୍ଥ୍ୟ ଜଟିଳତାର ରୂପ ନେଇଛି । ଏହା କେବଳ ବ୍ୟକ୍ତିଗତ ଶାରୀରିକ କ୍ଷତି ନୁହେଁ, ପରିବାର, ସମାଜ ଓ ଜାତିର ଉନ୍ନତିକୁ ମଧ୍ୟ ଅବରୋଧ କରୁଛି । ତମାଖୁ ସେବନ ଫଳରେ ହୃଦ୍‌ରୋଗ, କ୍ୟାନ୍ସର, ଶ୍ୱାସ ରୋଗ ଏବଂ ଅନେକ ଜୀବନଘାତୀ ରୋଗ ସୃଷ୍ଟି ହେଉଛି । ଏହି ଅଭିଯାନ ମାଧ୍ୟମରେ ଆମେ ଏହି ବିପଦରୁ ଯୁବପିଢିକୁ ଦୂରେଇବା ଓ ସେମାନଙ୍କ ମନୋଭାବରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବା । ସଚେତନତା ହେଉଛି ସବୁଠୁ ଶକ୍ତିଶାଳୀ ଅସ୍ତ୍ର । ଯେତେବେଳେ ଜନସାଧାରଣ ଜାଣିବେ ଯେ ତମାକୁ ହେଉଛି ମୃତ୍ୟୁର ଦ୍ୱାର, ସେତେବେଳେ ସେମାନେ ନିଜେ ଏହାରୁ ଦୂରେଇଯିବେ । ସେଥିପାଇଁ ଉପସ୍ଥିତ ସମସ୍ତଙ୍କୁ ସମନ୍ୱିତ ଭାବେ ଏହି ଅଭିଯାନକୁ ସଫଳ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଓ କୋଟପା ଆଇନର ସକ୍ରିୟ ଅନୁପାଳନ ସୁନିଶ୍ଚିତ କରିବା ସହିତ ଜିଲ୍ଲାରେ ତମାଖୁ ମୁକ୍ତ ଗ୍ରାମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିପରି ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ବିଶେଷ କରି ୭ରୁ ୧୨ ବର୍ଷ ଓ କଲେଜ୍ ପଢୁଥିବା ଯୁବପିଢୀଙ୍କ ମଧ୍ୟରେ ତମାଖୁ ବିରୋଧୀ ସଚେତନତା ସୃଷ୍ଟି କରିବାରେ ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଡିନ୍ ତଥା ଅଧ୍ୟକ୍ଷ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡ଼ା. ସୀତାରାମ ମହାପାତ୍ର, ଡିଏଚ୍‌ଏଚ୍ ସୁପରିଣ୍ଟେଡେଣ୍ଟ, ଡ଼ା. ମନୋଜ କୁମାର ସେନାପତି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଣତିନି ନାୟକ, ଡ଼ା. ସସ୍ମିତା ରାଉତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ମଲ୍ଲିକ, ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ, ଡିଆଇ, ଆସିଷ୍ଟାଣ୍ଟ ଡ୍ରଗ କଣ୍ଟ୍ରୋଲର, ଏପିଡୋମିଓଲୋଜିଷ୍ଟ ଡ଼ା. ଜ୍ୟୋତି ରଞ୍ଜନ ରାଉତ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାରେ ତମାଖୁ ବିରୋଧୀ ଯୁବ ଅଭିଯାନକୁ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତା ଉଦ୍‌ଯାପିତ



**ଅସ୍ତରଙ୍ଗ:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀଜିଲ୍ଲା ଅସ୍ତରଙ୍ଗର ମୁଖ୍ୟ ବଜାରରେ 'ମା ଲକ୍ଷ୍ମୀ କ୍ଲବ୍' ଆନୁକୂଲ୍ୟରେ ଆୟୋଜିତ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଗତ ୧୭ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହୋଇଥିଲା । ବହୁ ପ୍ରତିଭା ସମ୍ପନ୍ନ କଳାକାରଙ୍କୁ ନେଇ ବିଭିନ୍ନ ଅନୁଷ୍ଠାନ ସେମାନଙ୍କର କଳାକୁ ବିଚ଼ାରକ ହେମି ସାମଲ ଓ ରାଜଗୁରୁ ବିଜୟ ଦାସଙ୍କ ଆଗରେ ସେମାନଙ୍କ କଳା ପଦର୍ଶନ କରିଥିଲେ । ୬ଟି ନାଟକ ମଧ୍ୟରୁ ବିଚ଼ାରକ ଦ୍ୱୟ ବାବା ନୀଳକଣ୍ଠେଶ୍ୱର ନାଟ୍ୟ ସଂସଦ ଘାଟିକିଆ ଭୁବନେଶ୍ୱର 'କିଏ ପୋଛିଦେବ ଆଖିର ଲୁହ' ନାଟକ ପଦର୍ଶିତ କରି ପ୍ରଥମ ସ୍ଥାନ, ଆରିୟନ୍ କ୍ରିୟୁ ଭୁବନେଶ୍ୱର 'ଆଖି କାନ୍ଦୁଛି ଲୁହ ସରୁନି' ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନ ଓଁ ଶ୍ରୀ ଶ୍ରୀ ମା ପାଦୁକେଇ ଯୁବ ନାଟ୍ୟ ସଂସଦ ଭାଣପୁରଙ୍କୁ ଚ଼ୟନ କରିଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଯୁବ ଉଦ୍‌ଯୋଗପତି ଜଗନ୍ନାଥ ବେହୁରା ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୦ ହଜାର, ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଭାପତି ତରୁଣ ତପନ ସ୍ୱାଇଁ, ସମ୍ପାଦକ ପବିତ୍ର କୁମାର କାଣ୍ଡି, ଉପଦେଷ୍ଟା ଚ଼ିତ୍ରେସେନ ପ୍ରଧାନ, ପ୍ରଶାନ୍ତ କୁମାର ଭୋଳ, ଉପ ସଭାପତି ହରିହର ମହାନ୍ତି ଓ ସାଂକୃତିକ ସମ୍ପାଦକ ଦେବାଶିଷ ବାରିକ୍ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ଓ ମୁଖ୍ୟଅତିଥି ଶ୍ରୀ ବେହୁରା ଭଗବତୀ କ୍ଲବ୍ ଆନୁକୂଲ୍ୟରେର କାଳୀପୂଜା ମଣ୍ଡପରେ ମା'ଙ୍କ ଆଶୀର୍ବାଦ ନେଇଥିଲେ ।

# କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବାଙ୍କୀ:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁଗୋଳ ବିଭାଗ ଆନୁକୁଲ୍ୟରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କଲେଜ ଦୃଶ୍ୟଶ୍ରାବ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । 'ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାନବ ସମାଜ ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ର ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜୀବଜଗତର ସଂଖ୍ୟା ଲୋପପାଇବା ସହିତ ପରିବେଶ ଅସନ୍ତୁଳିତ ହେଉଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଗତ କିଛି ବର୍ଷ ହେଲା ଜଳବାୟୁ ପରିବର୍ତ୍ତନ ହେବା ଫଳରେ ଠିକ୍ ସମୟରେ ବର୍ଷା, ଶୀତ ଓ ଖରା ହେଉନାହିଁ ବୋଲି କହିଥିଲେ । ଏହା ଫଳରେ ଅତ୍ୟଧିକ ଉତ୍ତାପ ବୃଦ୍ଧି ଯୋଗୁଁ ଜୀବଜଗତ ଧ୍ୱଂସ ଆଡକୁ ଗତିକରୁଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା କିସ୍ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରଫେସର ଡକ୍ଟର ଗୋପାଳକୃଷ୍ଣ ପଣ୍ଡା ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାନବ ସମାଜ ଉପରେ ପ୍ରଭାବ ବୃଦ୍ଧି ପାଇବା ଫଳରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିହେବା, ଅକାଳରେ ବିୟୋଗ ଏବଂ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ଯୋଗୁଁ ପୃଥିବୀର ବାୟୁମଣ୍ଡଳ ଉତାପ ବୃଦ୍ଧି ହେଉଛି ବୋଲି ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଫେସର ପଣ୍ଡା କମ୍ପ୍ୟୁଟର ମାଧ୍ୟମରେ ବହୁ ଉଦାହରଣ ଓ ଚିତ୍ର ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡକ୍ଟର ଶଶିଭୂଷଣ ମହାପାତ୍ର ଆଲୋଚନାରେ ଭାଗନେଇଥିଲେ । ଡକ୍ଟର ଅଭିମନ୍ୟୁ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ, ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ, ଅଧ୍ୟାପକ ଚିନ୍ମୟଚିତ୍ତରଞ୍ଜନ ଦାସ, ବିଭୂ ହୋତା, ରଞ୍ଜିତ କୁମାର ରାଉତ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଭୂଗୋଳ ଓ ଭୂତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀମାନେ ଯୋଗଦାନ କରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଏହି ଅବସରରେ ଡକ୍ଟର ଗୋପାଳକୃଷ୍ଣ ପଣ୍ଡାଙ୍କୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧ୍ୟାପକ ଅରିଜିତ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ଓ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶୋକ ସଭା



**କୁଚ଼ିଣ୍ଡା:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶିଷ୍ଟ କବି ଓ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼. ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଆଦିବାସୀ ଭବନରେ ସମାଜସେବୀ ଓ କବି ସୁବାସ ଚ଼ନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀ ନାୟକ ତାଙ୍କ ଭାଷଣରେ ଡ଼ ପଣ୍ଡାଙ୍କ ସମ୍ବଲପୁରରେ ଆର୍‌ଡିସି ଭାବରେ କାର୍ଯ୍ୟ କରିଥିବା ବେଳେ ଯୁବ ସାହିତ୍ୟିକଙ୍କ କିପରି ପ୍ରେରଣାର ଶ୍ରୋତା ଥିଲେ ତାହା କହି ଥିଲେ । ସେ ତାଙ୍କ ବକ୍ତବ୍ୟରେ ଡ଼ ପଣ୍ଡାଙ୍କ ଷୋହଳଟି କବିତା ପୁସ୍ତକ ଓ ଦୁଇଟି ଉପନ୍ୟାସରେ ଯେପରି ପ୍ରଗତି ଶିଳା ଲେଖା ସନ୍ନିବେଶିତ କରିଛନ୍ତି ଠିକ ସେଇ ପରି ନିଜ ଅଙ୍ଗଦାନ କରି ପ୍ରଗତିଶୀଳ ହେବାର ପରିଚ଼ୟ ଦେଇଛନ୍ତି ବୋଲି ସ୍ମୃତି ଚ଼ାରଣ କରିଥିଲେ । ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ତାଙ୍କ ଭାଷଣରେ ଡ଼ ପଣ୍ଡାଙ୍କ ପ୍ରଶାସନିକ କାର୍ଯ୍ୟର ସ୍ମୃତି ଚ଼ାରଣ କରି ସେ ଜଣେ ପ୍ରଗତିଶୀଳ ପ୍ରଶାସକ ଥିଲେ ବୋଲି କହିଥିଲେ । ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଏହି ଶୋକ ସଭାରେ ପରିଷଦର ସଭ୍ୟ, ସଭ୍ୟା ଓ ପରିଷଦ ପରିଚ଼ାଳିତ ନର୍ସିଂ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେଇ ଡ଼. ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ଅଧ୍ୟାପିକା ସଲିମା ପଟେଲ, ତନୁସି ଶେଠ୍ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଶେଷରେ ଅଧ୍ୟାପିକା ପଲ୍ଲବୀ ତାଣ୍ଡିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆମ୍ବଗଡିଆ ଗ୍ରାମ ମୁଖ୍ୟରାସ୍ତା ଶୋଚନୀୟ

**ବୈଶିଙ୍ଗା:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ବା ରାଜ୍ୟ ସରକାର ଜନସାଧାରଣଙ୍କୁ କିଭଳି ମୌଳିକ ସୁବିଧାରୁ ବଂଚିତ କରୁଛନ୍ତି ତାର ଉଦାହରଣ ସ୍ୱରୁପ ପ୍ରତି ଗ୍ରାମରେ ରାସ୍ତା, ପାଣି ଓ ଶିକ୍ଷାର ବ୍ୟବସ୍ଥା ଉପରେ ଅବଲୋକନ କରିଲେ ପ୍ରକୃତ ତଥ୍ୟ ଜଣାପଡିବ । 'ଗାଁ ପରିମଳ ଧୋବା ତୁଠରୁ' ଥିବା ଉକ୍ତି ପ୍ରକୃତ ଯଥାର୍ଥ । କାରଣ ଏହି ତିନୋଟି ବ୍ୟବସ୍ଥା ପ୍ରତି ସରକାର ଗୁରୁତ୍ୱ ଦେଲେ ଯାଇ ଗାଁ ବିକଶିତ ହୋଇପାରିବ । ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାଟିର ସଫଳ ରୂପାୟନ ପାଇଁ ବର୍ତ୍ତମାନ ପଞ୍ଚାୟତରାଜ ବ୍ୟବସ୍ଥାର ଜନ ପ୍ରତିନିଧିଙ୍କ ହାତରୁ କ୍ଷମତା କାଢି ନେଇ ବିଡିଓଙ୍କ ଉପରେ ନ୍ୟସ୍ତ କରାଯିବା ଯୋଗୁଁ ଅସନ୍ତୋଷ ବଢି ଚାଲିଛି । ଗୋଟିଏ ଗାଁ ଭିତରକୁ ଯିବା ପାଇଁ ମୁଖ୍ୟ ରାସ୍ତା ଯଦି ଖରାପ ହୋଇଥାଏ ତେବେ ଲୋକଙ୍କ ଯାତାୟତ କିପରି କଷ୍ଟଦାୟକ ତାହା ନିଜ ଅଞ୍ଚଳର ବିଧାୟକଙ୍କ ଦାୟିତ୍ୱ ରହିବା କଥା । କିନ୍ତୁ ତାହା ହେଉନାହିଁ, ଆମ୍ବଗଡ଼ିଆ ଗ୍ରାମର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଧାୟକଙ୍କୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେହିଭଳି ରଘପୁର ପଞ୍ଚାୟତର ଦିଗାନଗର ଗ୍ରାମ୍ୟ ରାସ୍ତାରେ ଆଣ୍ଠୁଏ କାଦ ପଚପଚ ରାସ୍ତାରେ ଲୋକମାନେ ଯାଉଥିବା ବେଳେ ବାରମ୍ବାର ବିଧାୟକ, ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା କାମ ହୋଇ ପାରିଲା ନାହିଁ । ଏଥିପାଇଁ ନିକଟରେ ବିଧାୟକ ଖୁଣ୍ଟାପୁର ଆରଆଇ କାର୍ଯ୍ୟାଳୟର ନୂତନ ଗୃହର ଶିଳାନ୍ୟାସ କରିବା ପାଇଁ ଆସିଥିବା ବେଳେ ଦିଗାନଗର ଗ୍ରାମବାସୀ ଅଭିଯୋଗ କରିବାକୁ ଆସୁଥିବା ଦେଖି ତରତରରେ ବିଧାୟକ ଚମ୍ପଟ ମାରିଥିଲେ । ଏହା ଦ୍ୱାରା ଗାଁ କିପରି ବିକଶିତ ହୋଇ ପାରିବ ତାହା ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି ।

# ତିଳିଆରେ ଓପିଜିସି ପକ୍ଷରୁ ସ୍ୱାସ୍ଥ୍ୟ ସେବା

**ଲଖନପୁର:୨୫।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ଇବ ଥର୍ମାଲ ବନହରପାଲି ପକ୍ଷରୁ ତିଳିଆ ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ପୂର୍ବାହ୍ନ ୯ଟା ସମୟରେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ପଧାନ ଉଦ୍‌ଘାଟନ କରିଥିଲେ । ଅପରାହ୍ନ ୩ଟା ପର୍ଯ୍ୟନ୍ତ ପଞ୍ଚାୟତ ଅନ୍ତର୍ଗତ ତିଳିଆ, ନୂଆପଡ଼ା, କଟାଟିକିରା, ଚ଼ାରମାଲ, ଫଟାପାଲି, ଭଗବାନପାଲି, ତେତେଲକୁଦୁଲି, ସିଂହାଇପାଲି, ବଡ଼ସରୁଆ ସମେତ ଆଖପାଖ ଗ୍ରାମରୁ ଆସିଥିବା ୨୮୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶିବିରରେ ଓପିଜିସି ଇବ୍ ଥର୍ମାଲ ଡାକ୍ତରଖାନାର ଚ଼ିକିତ୍ସାଧିକାରୀ ଡାକ୍ତର ମାନସ ରଂଜନ ପାଣିଗ୍ରାହୀ, ଡାକ୍ତର ଡାକ୍ତର ଗୋବର୍ଦ୍ଧନଲାଲ ଥେଭ୍ରିଓ୍ୱାଲ, ଡାକ୍ତର ରାଜ କୁମାର ପ୍ରଧାନ ପ୍ରମୁଖ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିମନ୍ତେ ଆସିଥିବା ଜନସାଧାରଙ୍କ ନିକଟରେ ବିଶେଷ ଭାବରେ ଏଚ୍‌ଟିଏନ, ଡିଏମ, ଥଣ୍ଡା, କଫ, ଜ୍ୱର, ସାଧାରଣ ଦୁର୍ବଳତା, ରକ୍ତଚ଼ାପ, ଗଣ୍ଠିବାତ, ମୁଣ୍ଡବିନ୍ଧା, ଅମ୍ଳ ଆଦି ବିଭିନ୍ନ ରୋଗ ଦେଖା ଦେଇଥିଲା । ସମସ୍ତଙ୍କୁ ଚ଼ିକିତ୍ସା କରାଯାଇ ମାଗଣାରେ ରକ୍ତ ପରୀକ୍ଷା କରିବା ସହିତ ଔଷଧ, ଇଞ୍ଜେକ୍ସନ ପ୍ରଦାନ କରାଯାଇଥିଲା । ଶିବିରକୁ ଡାକ୍ତରଙ୍କ ସମେତ ଓପିଜିସିର ଡାକ୍ତର ଖାନାର କର୍ମଚ଼ାରୀ ସୁଜାତା ନାଏକ, ସଂଯୁକ୍ତା ମହାନନ୍ଦ, ସ୍ନେହଲତା ଚ଼ନ୍ଦ୍ର, ପ୍ରଭାତ କୁମାର ବାରିକ, ପ୍ରଭାତ ବିଶ୍ୱାଲ, ସୁମିତ କୁମାର ଶତପଥ, ଅଭିମନ୍ୟୁ ଭୋଇ, ସ୍ନେହାଶି ବେହେରା କଷ୍ଟ ବାଗ ପ୍ରମୁଖ ସହାୟତା କରିଥିଲେ ।

# ଘର ସମ୍ମୁଖରୁ ବାଇକ ଚୋରି

**ସୋର:୨୫।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଘର ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସୋର ଥାନା ଜଗନ୍ନାଥପୁର ଗ୍ରାମର ସୁଦାମ ଚରଣ ବେହେରା ତାଙ୍କ ଓଡ଼ି ୦୧ ଏମ ୮୪୬୫ ନମ୍ବର ବିଶିଷ୍ଟ ହିରୋ ଡିଲକ୍ସ ବାଇକଟିକୁ ପ୍ରତିଦିନ ଭଳି ଗତକାଲି ରାତିରେ ଘର ସମ୍ମୁଖ ପଟିକରେ ରଖିଥିଲେ । ମାତ୍ର ରାତିରେ ପରିଶ୍ରା ପାଇଁ ଉଠିବା ସମୟରେ ବାଇକଟି ରଖିଥିବା ସ୍ଥାନରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ପରେ ବାଇକ ଚୋରି ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

**AFFIDAVIT**

I, Pravabati Mallick, W/o-Krutibas Mallick, resident of village-Khandol, Po- Atal, Ps-Aul, Dist- Kendrapara, Odisha declare by this affidavit No.1348 dtd.-22/10/2025 that now onwards I shall be known as PRABHABATI MALLICK for all future purposes.

**AFFIDAVIT**

I, Krutibash Mallick, S/o- Gokhei Mallick, resident of village- Khandol, Po- Atal, Ps-Aul, Dist-Kendrapara, Odisha declare by this affidavit No.1347 dtd.- 22/10/2025 that now onwards I shall be known as KRUTIBAS MALLICK for all future purposes.

**CUTTACK MUNICIPAL CORPORATION**

C-1328

"e" PROCUREMENT NOTICE

Tender Call Notice No. 13760 (PW) Date.25.10.2025

Tender ID : 2025_ORULB_118698

Bid Value : Rs.5.78 Lakhs to Rs.16.76 Lakhs

Date and Time schedule :

| Start | End | Opening |
|---|---|---|
| 11.00 AM on dt. 28.10.2025 | 5.00 PM on dt.04.11.2025 | 11:00 A.M. on dt.10.11.2025 |

Tender Details : can be seen from the procurement portal : www.tendersorissa.gov.in

OPIR.13031/11/0234/2526

Executive Engineer
City Division-II,CMC

